## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

# ମୁଁ ଚାଷୀ କହୁଛି ....



ମୁଁ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମହୁଲଡ଼ିହା ଗ୍ରାମର ଲକ୍ଷ୍ମୀକାନ୍ତ ପାତ୍ର; ଉଦ୍ଭିଦ ବିଜ୍ଞାନରେ ସ୍ନାତକ ପଢ଼ିସାରିଲା ପରେ ଚାକିରୀ ପାଇଁ ଖୁବ୍ ବୁଲିଛି । ରାୟପୁର ଠାରୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାମ କରିଛି । କିନ୍ତୁ ନିଜ ଜାଗାରେ କିଛି କରି ଦେଖାଇବାର ଆଗ୍ରହ ମୋତେ ପୁଣି କେନ୍ଦୁଝର ଜିଲ୍ଲାକୁ ଟାଣିଆଣିଛି । ଚାଷ ଉପଯୋଗୀ ଜମି ମୋର ନାହିଁ । କିଛି ଲୋକଙ୍କଠାରୁ ଜମି ଲିଜ୍‌ରେ ଆଣି ୭-୮ ବର୍ଷ ପୂର୍ବରୁ ସବୁ ଚାଷୀଙ୍କ ପରି ଟମାଟୋ, ବାଇଗଣ, ଫୁଲକୋବି ଇତ୍ୟାଦି ଚାଷ ଆରମ୍ଭ କଲି । ଯାହା ଅଳ୍ପ ବହୁତେ ଲାଭ ପାଇଲି, ନିଜ ଗୁଜରାଣ ମେଣ୍ଟାଇବା ପାଇଁ ସିନା ଠିକ୍ ଥିଲା, ମୋର ସ୍ୱପ୍ନକୁ ପୂରଣ କରିବାକୁ ଯଥେଷ୍ଟ ନ ଥିଲା । ସମୟକ୍ରମେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କର ସହଯୋଗ ପାଇଲି । ସ୍ଥାନୀୟ ଉଦ୍ୟାନ ବିଭାଗର କର୍ମଚାରୀମାନେ ମଧ୍ୟ ସହଯୋଗର ହାତ ବଢ଼ାଇଲେ । ଅଣରତୀୟ ପନିପରିବା ଚାଷ ଜୋରଦାର ଆରମ୍ଭ କରିବାକୁ ବୈଜ୍ଞାନିକମାନେ ଜ୍ଞାନ କୌଶଳ ଦେଲେ । ବର୍ଷା ଋତୁରେ ଟମାଟୋ, ଫୁଲକୋବି, ଧନିଆଁ ଆଦି ଚାଷ କଲି । ନୂଆ ନୂଆ ଜିନିଷର ପ୍ରୟୋଗ ବିଧି ଶିଖିଲି । ଗତ ୨ ବର୍ଷ ହେଲାଣି, କେନ୍ଦ୍ରର ବୈଜ୍ଞାନିକମାନେ ପ୍ଲାଷ୍ଟିକ ଛାଦିକରଣ କରି ଟମାଟୋ, କୋବି, କଲରା ଆଦି ଚାଷ ଶିଖାଇଲେ । ମୋର ଦୁଇ ଏକର ଲିଜ୍ ଜମିରୁ କେବଳ ପ୍ଲାଷ୍ଟିକ ପକାଇ ଗତବର୍ଷ ବର୍ଷାଦିନିଆ ଟମାଟୋ, ଫୁଲକୋବି ଓ ଖରାଦିନଆ କଲରା କରିଥିଲି । ଏହି ଜମିରୁ ମୋତେ ପାଖାପାଖି ୪,୫୦,୦୦୦/- ଟଙ୍କା ମିଳିଲା । ମୋ ଦେଖାଦେଖିରେ ପାଖଆଖ ୫-୭ଟି ଗ୍ରାମରେ ଏବେ ଚାଷୀମାନେ ପ୍ଲାଷ୍ଟିକ ଛାଦିକରଣ କରି ପରିବାଚାଷ କରିବାକୁ ମନ ବଳାଇଲେଣି । ଏବେ ମୁଁ ଚିନ୍ତା କରୁଛି ଆମ କେଉଁଝର ଜିଲ୍ଲାର ଯୁବକମାନେ ନିଜ ଜମିରେ ନ ଖଟି ବାହାରକୁ ଯାଉଛନ୍ତି କାହିଁକି ?

*ଉଦ୍ଭିଦ ବିଜ୍ଞାନରେ ସ୍ନାତକ ପଢ଼ିସାରିଲା ପରେ ଚାକିରୀ ପାଇଁ ଖୁବ୍ ବୁଲିଛି । ରାୟପୁର ଠାରୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାମ କରିଛି ।*



*ସମୟକ୍ରମେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କର ସହଯୋଗ ପାଇଲି । ସ୍ଥାନୀୟ ଉଦ୍ୟାନ ବିଭାଗର କର୍ମଚାରୀମାନେ ମଧ୍ୟ ସହଯୋଗର ହାତ ବଢ଼ାଇଲେ । ଅଣଚାଷୀୟ ପନିପରିବା ଚାଷ ଜୋରଦାର ଆରମ୍ଭ କରିବାକୁ ବୈଜ୍ଞାନିକମାନେ ଜ୍ଞାନ କୌଶଳ ଦେଲେ ।*








### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**

ଡ. ସୁଜିତ କୁମାର ନାଥ

ମୁଖ୍ୟ ସମ୍ପାଦକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦନା ମଣ୍ଡଳୀ**

ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନନ୍ଦ

ଡଃ. ଜୀବନଜିତ ସେନ୍

ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ

ସିପ୍ରା ଦାସ

**ଯୋଗାଯୋଗ:**

କୃଷିବିଜ୍ଞାନ କେନ୍ଦ୍ର, ଜୁଡ଼ିଆ ଫାର୍ମ

କେନ୍ଦୁଝର -୭୫୮୦୦୨

keonjharkvk@yahoo.co.in

www. kvkkeonjhar.org


This News letter is Printed, Published & Owned by Sr. Scientist and Head, KVK, Keonjhar, Judia Farm, Keonjhar Dist: Keonjhar, Pin: 758002, Cell: 9437360866, e-mail:keonjharkvk@yahoo.co.in , Web: www. kvkkeonjhar.org, Printed at: ankitagraphics, BBSR, Cell:9437077337

**Chief Editor:** Dr. Sujit Kumar Nath


Krishi Vigyan Kendra
Keonjhar
Orissa University of
Agriculture & Technology
Bhubaneswar


# କେନ୍ଦୁଝରୀ

## Kendujhari

### କୃଷି ସମାଚାର ପତ୍ରିକା

### Krushi Samachara Patrika


କୃଷି ବିଜ୍ଞାନ କେନ୍ଦ୍ର
କେନ୍ଦୁଝର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ନବମ ବର୍ଷ | ଅପ୍ରେଲ-ଜୁନ୍ ୨୦୧୬ | ପ୍ରଥମ ସଂଖ୍ୟା












## ସଂପାଦକୀୟ

୧୯୮୨ ମସିହାରେ କେନ୍ଦୁଝର ଜିଲ୍ଲାର ଜୁଡ଼ିଆ ଫାର୍ମ ଠାରେ ରାଜ୍ୟର ପ୍ରଥମ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ସେଦିନୁ ଏହା ସ୍ଥାନୀୟ ଅଧିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି, ଆବଶ୍ୟକତା, ସମସ୍ୟାକୁ ଅନୁଧ୍ୟାନ କରି ସେମାନଙ୍କୁ ରୋଜଗାର ଯୋଗାଇବା ପାଇଁ କାର୍ଯ୍ୟ କରି ଆସୁଅଛି । ଏଥିନିମନ୍ତେ କୃଷକ ଜମିରେ ନୂଆ ଜ୍ଞାନ କୌଶଳର ପରୀକ୍ଷଣ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକ ତାଲିମ୍ ଓ ବିଭିନ୍ନ ସମ୍ପ୍ରସାରଣ ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଅଛି । ମୋବାଇଲ୍ ମାଧ୍ୟମରେ ଜିଲ୍ଲାର ବହୁ ଚାଷୀଙ୍କୁ ଆବଶ୍ୟକ ଅନୁସାରେ ବୈଜ୍ଞାନିକ ଭିତ୍ତିକ ତଥ୍ୟ, ପାଣିପାଗର ସମ୍ଭାବନା ଉପରେ ସଚେତନ କରାଯାଉଛି । କୃଷିରେ ଯନ୍ତ୍ରପାତିର ବ୍ୟବହାରକୁ ଆଦୃତ କରିବା ପାଇଁ ତଥା ବ୍ୟବସାୟିକ କୃଷିକୁ ପ୍ରସାର କରିବାକୁ ପ୍ରଚେଷ୍ଟା ଜାରି ରହିଛି । ଆମ ଜିଲ୍ଲାର କୃଷିରେ ମୁଖ୍ୟତଃ ମହିଳାମାନେ ନିୟୋଜିତ; ସେମାନଙ୍କ ରୋଜଗାର ବଢ଼ାଇବା ପାଇଁ ଓ କୃଷିରେ ଶ୍ରମର ଲାଘବ କରିବା ପାଇଁ ବିଭିନ୍ନ ଯନ୍ତ୍ର ପ୍ରଦର୍ଶନ କରାଯାଉଛି । ଏହା ବ୍ୟତୀତ ସେମାନଙ୍କ ପାଇଁ ଛତୁଚାଷ, ଫୁଲ ଚାଷ, କୁକୁଡ଼ା ପାଳନ, ମହୁଚାଷ, ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ କୃଷି ଭିତ୍ତିକ ରୋଜଗାର ପନ୍ଥା ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରରେ ଏକ ଛତୁ ପ୍ରଶିକ୍ଷଣ କେନ୍ଦ୍ର, କୁକୁଡ଼ା ପାଳନ କେନ୍ଦ୍ର ଓ ବିଭିନ୍ନ ପନିପରିବା ନର୍ସରୀ କରାଯାଇ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଉତ୍ପାଦ ଯୋଗାଇଦିଆଯାଉଛି । କୃଷି ବିଜ୍ଞାନ କେନ୍ଦ୍ରର ଉପରୋକ୍ତ କାର୍ଯ୍ୟଗୁଡ଼ିକ ଚାଷୀମାନଙ୍କୁ ବେଶ୍ ପ୍ରଭାବିତ କରୁଛି ଓ ତାହା ସେମାନଙ୍କ ରୋଜଗାର ବଢ଼ାଇବାରେ ସହାୟକ ହୋଇପାରୁଛି । ଏହି ସଂସ୍କରଣ ବିଗତ ମାସମାନଙ୍କରେ କେନ୍ଦ୍ର ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୂହର କିୟଦଂଶ ।

ଆଶା କରୁଛି, କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରକାଶିତ ଏହି କୃଷି ଭିତ୍ତିକ ପତ୍ରିକା କେନ୍ଦୁଝରୀର ନବମ ବର୍ଷର ପ୍ରଥମ ସଂଖ୍ୟା ଆମ ଜିଲ୍ଲାର କୃଷକ, କୃଷିଜୀବି ମହିଳା, ଯୁବକ, ଯୁବତୀ ଓ ଜିଲ୍ଲାରେ କୃଷି ତଥା ଆନୁଷଙ୍ଗିକ ବିଭାଗରେ କାର୍ଯ୍ୟ କରୁଥିବା ସଂପ୍ରସାରଣ ଅଧିକାରୀମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ଭାବେ ପରିଗଣିତ ହେବ ।

ଡ. ସୁଜିତ କୁମାର ନାଥ
ମୁଖ୍ୟ ସମ୍ପାଦକ

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ

କେନ୍ଦୁଝର ଜିଲ୍ଲାପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମାଯୋଜନାର ଶୁଭାରମ୍ଭ ଗତ ଏପ୍ରିଲ ମାସ ୫ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଆୟୋଜିତ କୃଷକ ମେଳାରେ କେନ୍ଦୁଝରର ସାଂସଦ ଶ୍ରୀମତୀ ଶକୁନ୍ତଳା ଲାଗୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କୃଷିର ବିକାଶ ହେଲେ କୃଷକର ବିକାଶ ଓ କୃଷି କ୍ଷେତ୍ରରେ ଉତ୍ତମ ଜ୍ଞାନ ପ୍ରୟୋଗ କରି ଅଧିକରୁ ଅଧିକ ଫସଲ ଉତ୍ପାଦନ କରି ପ୍ରଧାନ ମନ୍ତ୍ରୀଙ୍କର ଫସଲ ବିମା ଯୋଜନାକୁ ଆପଣେଇ ନେବାପାଇଁ ଉପସ୍ଥିତ ୨୦୦ରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ସାଂସଦ ପରାମର୍ଶ ଦେଇଥିଲେ । ଏହି କୃଷକ ମେଳାରେ ବିଧାୟକ ଅଭିରାମ ନାଏକ,



ଜିଲ୍ଲାପରିଷଦ ଅଧ୍ୟକ୍ଷା ଶାରୀଲତା ପୃଷ୍ଟି, ଉପାଧ୍ୟକ୍ଷ ଜଗନ୍ନାଥ ସିଂ ଜିଲ୍ଲାପାଳ ଡଃ.ଏନ.ତିରୁମାଲା ନାଏକଙ୍କ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଚାଷୀ ଓ ବୈଜ୍ଞାନିକ ମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନ୍ୟବର ସାଂସଦ ଏହି ଉପଲକ୍ଷେ ଆୟୋଜିତ କୃଷି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

## ମୃତ୍ତିକା ପରୀକ୍ଷଣ ଅଭିଯାନ

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର ତରଫରୁ ପ୍ରତିବର୍ଷ ଭଳି, ଏ ବର୍ଷ ମଧ୍ୟ ମୃତ୍ତିକା ପରୀକ୍ଷଣ ଅଭିଯାନ ଜିଲ୍ଲାର ମହୁଲଡ଼ିହା, ଶଙ୍କରପୁର, କୁଶପଦା, କାବେରୀପଶି, ଡଅଁରା, ତେନ୍ତୁଳି ଓ କୁଣ୍ଢେଇ ଇତ୍ୟାଦି ଗ୍ରାମରେ କରାଯାଇଥିଲା । ଏହି ସବୁ ଗ୍ରାମରେ ମୃତ୍ତିକା ପରୀକ୍ଷଣର ଉପକାରିତା, ନମୁନା ମାଟି ସଂଗ୍ରହ କରିବାର ବିଧି ଇତ୍ୟାଦି ବିଷୟରେ ଲୋକମାନଙ୍କୁ ସଚେତନ କରିବାସହ ପ୍ରାୟ ୧୧୭ଟି ମାଟିନମୁନା ସଂଗ୍ରହ କରାଯାଇଥିଲା । ସେହି ନମୁନା ମାଟିକୁ କେନ୍ଦ୍ରର ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରାଯାଇ ଚାଷୀମାନଙ୍କୁ ସେମାନଙ୍କର ମାଟି ପରୀକ୍ଷାର ଫଳାଫଳକୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ଏହାଦ୍ୱାରା ଚାଷୀମାନେ ସେମାନଙ୍କ ମାଟିର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ସଙ୍ଗେସଙ୍ଗେ ଉପଯୁକ୍ତ ସାର ପ୍ରୟୋଗ କରି ଅଧିକ ଅମଳ ପାଇପାରିବେ ବୋଲି କେନ୍ଦ୍ରର ବୈଜ୍ଞାନିକ ପ୍ରକାଶ କରିଥିଲେ ।



## 'ଜୁଡ଼ିଆ ଫ୍ରେସ୍' ମୃଦୁପାନୀୟ ଲୋକାର୍ପିତ



କେନ୍ଦୁଝର ଜିଲ୍ଲାର ଗ୍ରାମାଞ୍ଚଳରେ ବେଲ ଖରାଦିନେ ପ୍ରଭୁତ ଭାବେ ମିଳୁଥିଲେ ମଧ୍ୟ ଏହାର ଉପଯୁକ୍ତ ଭାବେ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରିବାର ଜ୍ଞାନ କୌଶଳର ଅଭାବ ହେତୁ ଏଥିରୁ ସାଧାରଣ ଲୋକମାନେ ବିଶେଷ ଲାଭାନ୍ୱିତ ହୋଇପାରନ୍ତି ନାହିଁ । ଏହା ବ୍ୟତିତ ଆମ ଜିଲ୍ଲାରେ ମିଳୁଥିବା ବିଭିନ୍ନ ଫଳ ଯଥା ଆମ୍ବ, ଜାମୁକୋଳି, ପଣସ ଓ ବିଭିନ୍ନ ଜଙ୍ଗଲଜାତ ଫଳର ପ୍ରକ୍ରିୟାକରଣ ଜ୍ଞାନ କୌଶଳର ଅଭାବ ହେତୁ ଏଗୁଡ଼ିକ ବ୍ୟବସାୟିକ ଭିତ୍ତିରେ ଆଦୃତ ହୋଇପାରି ନାହିଁ । ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞନ କେନ୍ଦ୍ର, ବେଲରୁ ମୃଦୁପାନୀୟ ପ୍ରସ୍ତୁତି କରିବା ପାଇଁ ଏକ ପରୀକ୍ଷଣ ଗ୍ରହଣ କରିଥିଲା, ଯାହାର ସଫଳତା "ଜୁଡ଼ିଆ ଫ୍ରେସ୍" ନାମରେ ମାନ୍ୟବର ବିଧାୟକ, କେନ୍ଦୁଝର ଶ୍ରୀଯୁକ୍ତ ଅଭିରାମ ନାଏକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି ଅବସରରେ ଆୟୋଜିତ କୃଷକ ମେଳାରେ କେନ୍ଦୁଝର ଜିଲ୍ଲା ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ନାବାର୍ଡର ଅଧିକାରୀ, ସହକାରୀ ଗବେଷଣା ଅଧ୍ୟକ୍ଷ ଉପସ୍ଥିତ ଥିଲେ । କେନ୍ଦ୍ରର ମୁଖ୍ୟଙ୍କ ଅନୁରୋଧ କ୍ରମେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଏହାକୁ ବ୍ୟବସାୟିକ ଭିତ୍ତିରେ ଆଦୃତ କରିବାକୁ ନାର୍ବାଡ଼ର ଅଧିକାରୀ ସମ୍ମତି ପ୍ରକାଶ କରିଥିଲେ ।



୨୫ କି.ଗ୍ରା. ପାଚିଲା ବେଲରୁ ୧୦୦ଲିଟର ଜୁଡ଼ିଆ ଫ୍ରେସ୍ ପ୍ରସ୍ତୁତ ହୋଇ ପାରିବ । ଏହା ପ୍ରସ୍ତୁତ ହେବା ଦିନ ଠାରୁ ୬ମାସ ପର୍ଯ୍ୟନ୍ତ ପାନୀୟ ଉପଯୋଗୀଭାବେ ରଖାଯାଇ ପାରିବ । ଏହି ମୃଦୁପାନୀୟ ପ୍ରସ୍ତୁତିକୁ ବ୍ୟବସାୟିକ ଭିତ୍ତିରେ ଗ୍ରହଣ କରାଗଲେ ଲାଭ ଅତି କମ୍‌ରେ ଦୁଇଗୁଣ ମିଳି ପାରିବ । ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀମାନେ କୃଷି ବିଜ୍ଞାନ କେନ୍ଦ୍ରରୁ ବୈଷୟିକ ଜ୍ଞାନକୌଶଳ ଗ୍ରହଣ କରି ଏଥିରୁ ରୋଜଗାର କରିପାରିବେ ।

## ବୁଟ ଚାଷର ଚକିକିଆ କ୍ଷେତ୍ର ପ୍ରଦର୍ଶନ



ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକର ତୋରାଣିପାଣି, ହାତୀଶିଳା, ତଳସୁମୁଥ, ହରିଚନ୍ଦନପୁର ବ୍ଲକ୍‌ର ଦଣ୍ଡସେନାପଶି ତଥା ସଦର ବ୍ଲକ୍‌ର ବେଲପଶି ଗ୍ରାମରେ ୭୫ ଜଣ ଚାଷୀଙ୍କୁ ନେଇ ୩୦ ହେକ୍ଟର ପରିମିତ ଜମିରେ ଉନ୍ନତ ବୁଟ ଚାଷର ଚକିକିଆ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବୁଟର ଜାକି-୯୨୧୮ କିସମକୁ ନେଇ ଭିଟାଭାକ୍ସ ପାଓ୍ୱାରରେ ୨ଗ୍ରା / କେଜି ମଞ୍ଜିରେ ବିଶୋଧନ କରାଯାଇଥିଲା । ରାଇଜୋବିୟମ୍ କଲ୍‌ଚରକୁ ୨୦ ଗ୍ରାମ୍‌କୁ / କେଜି ମଞ୍ଜିରେ ଉପଚାର କରାଯାଇ ଧାଡ଼ିରେ ବୁଣାଯାଇଥିଲା । ଫସଲ ପରିଚାଳନା ଉପରେ ଜ୍ଞାନ ପ୍ରଦାନ କରାଯିବା ସହ ଫଳବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଏନ୍‌ପିଭି, ଇଣ୍ଡୋକ୍ସାକାର୍ବ, ନିମ୍ବରୁ ପ୍ରସ୍ତୁତ ପୋକମରା ଔଷଧ ସିଞ୍ଚନ କରାଯାଇଥିଲା । ପୋକର ଗତିବିଧି ଜାଣିବା ପାଇଁ ଚାଷୀମାନଙ୍କୁ ଫେରୋମୋନ ଯନ୍ତା ବ୍ୟବହାର ବିଷୟରେ ବୁଝାଇଦିଆଯାଇଥିଲା । ଏହାଦ୍ୱାରା ଚାଷୀଭାଇମାନେ ତାଙ୍କର ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୧୧.୨୦ କ୍ୱି. ଅମଳ ପାଇଥିବା ବେଳେ ଏହି କ୍ଷେତ୍ର ପ୍ରଦର୍ଶନରେ ୧୩.୫୧ କ୍ୱି ଅମଳ ପାଇପାରିଥିଲେ । ଅମଳ ବେଳେ ଆୟୋଜିତ କ୍ଷେତ୍ର ଦିବସରେ ବିଭିନ୍ନ ଗ୍ରାମର ଚାଷୀମାନେ ଯୋଗଦେଇଥିଲେ ।

## ଭେଣ୍ଡି ଫସଲରେ ଫଳବିନ୍ଧା ପୋକର ସଫଳ କ୍ଷେତ୍ର ପ୍ରଦର୍ଶନ



ଚାଷୀମାନଙ୍କ ମଧ୍ୟରେ ଭେଣ୍ଡି ଏକ ମୁଖ୍ୟ ଫସଲଭାବେ ଆଦୃତ ଲାଭ କଲାଣି । କିନ୍ତୁ ଫଳବିନ୍ଧା ପୋକର ପ୍ରାର୍ଦୁଭାବ ଯୋଗୁଁ ଚାଷୀମାନେ ଖୁବ୍ କ୍ଷତିଗ୍ରସ୍ତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସଦର ବ୍ଲକ୍‌ର ସେଣ୍ଡକାପ୍ ଗ୍ରାମରେ ଏହି ପୋକର ପ୍ରାର୍ଦୁଭାବରୁ ନିୟନ୍ତ୍ରଣ ପାଇଁ ଏକ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏହାର ସଫଳ ନିୟନ୍ତ୍ରଣ ପାଇଁ ଏକ ନୂଆ ଔଷଧ ଏମାମେକ୍‌ଟିନ୍ ବେନ୍‌ଜଏଟ୍‌କୁ ହେକ୍ଟର ପିଛା ୨୦୦ଗ୍ରା. ହିସାବରେ ୩ଥର ୧୦-୧୫ ଦିନ ଅନ୍ତରରେ ସଂନ୍ଧ୍ୟା ସମୟରେ ଫସଲରେ ପ୍ରୟୋଗ କରାଯାଇଥିଲା । ଏହାଦ୍ୱାରା କୃଷକର ନିଜସ୍ୱ ପାରମ୍ପରିକ ପଦ୍ଧତିଠାରୁ କ୍ଷେତ୍ର ପ୍ରଦର୍ଶନରେ ଶତକଡ଼ା ୧୯.୬ ପ୍ରତିଶତ ଅଧିକ ଅମଳ ବଢ଼ିଥିବାର ରେକର୍ଡ କରାଯାଇଥିଲା ।

## ମହୁଲ ଚୋପାଛଡ଼ାଇବା ଯନ୍ତ୍ରଦ୍ୱାରା ଶ୍ରମଲାଘବ

କେନ୍ଦୁଝର ଜିଲ୍ଲାର ଆଦିବାସୀମାନଙ୍କର ଅର୍ଥନୈତିକ ଉନ୍ନତିରେ ମହୁଲର ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । ସେମାନେ ଏହାର ଫୁଲ ଓ ଫଳକୁ ଖାଦ୍ୟ ଓ ତେଲ ହିସାବରେ ବ୍ୟବହାର କରିଥାନ୍ତି । କିନ୍ତୁ ଏହି ମହୁଲ ଫଳକୁ (ଟୋଲ) ସାଧାରଣତଃ ମହିଳାମାନେ ପଥରରେ ଗୋଟି ଗୋଟି କରି ଛେଚି ବାହାର କରିଥାନ୍ତି ଏବଂ ସେମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ ବହୁତ ପରିଶ୍ରମ କରିବା ସହିତ ସମୟ ମଧ୍ୟ ବିନିଯୋଗ କରିଥାନ୍ତି । ଏହି ପ୍ରକାର ସମସ୍ୟାକୁ ଦେଖି କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର ସଦର ବ୍ଲକର କୁଶପଦା ଗ୍ରାମରେ ୧୩ ଜଣ ମହିଳାଙ୍କୁ ନେଇ ମହୁଲ ଚୋପା ଛଡ଼ାଇବା ଯନ୍ତ୍ର (ମହୁଆ ଡିକୋଟିକେଟର) ଶ୍ରମ ଓ କଷ୍ଟ ଲାଘବ ପାଇଁ ଏକ ପରୀକ୍ଷା କରାଇଥିଲା ।



ଏହି କାର୍ଯ୍ୟଟି କୃଷି ଓ ଯାନ୍ତ୍ରିକ ମହାବିଦ୍ୟାଳୟ, ଭୁବନେଶ୍ୱରର ବୈଜ୍ଞାନିକ ଡଃ ଚିନ୍ମୟ କୁମାର ବାଖରାଙ୍କର ତତ୍ତ୍ୱାବଧାନରେ କରାଯାଇଥିଲା । ଦେଖାଯାଇଥିଲାଯେ, ମହିଳାମାନେ ଏକ ଘଣ୍ଟାରେ ପଥରରେ ଛେଚି ୨.୪ କିଗ୍ରା ମଞ୍ଜି ଛଡ଼ାଇ ପାରୁଥିବା ବେଳେ ମହୁଆ ଡିକେରଟିକେଟର ଦ୍ୱାରା ୮.୪ କି:ଗ୍ରା ମଞ୍ଜି ଛଡ଼ାଇ ପାରିଥିଲେ । ଏହି ଯନ୍ତ୍ରର ବ୍ୟବହାର ଦ୍ୱାରା ୧୧.୪ ପ୍ରତିଶତ ଗ୍ରାମ ଲାଘବ ହେବା ସହିତ ୧୩୫ ପ୍ରତିଶତ କାର୍ଯ୍ୟଦକ୍ଷତା ବଢ଼ିପାରିଥିଲା ଗ୍ରାମର ସମସ୍ତ ମହିଳାମାନେ ଅଧିକରୁ ଅଧିକ ବ୍ୟବହାର ପାଇଁ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରିଥିଲେ ।

## ଆମ୍ବରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି



ଖରାଦିନେ ଅଧିକ ପରିମାଣରେ ଆମ୍ବ ମିଳୁଥିବାରୁ ବଜାରରେ ଦର ମଧ୍ୟ କମିଯାଏ । ପ୍ରାୟତଃ ଗ୍ରାମାଞ୍ଚଳରେ ମହିଳାମାନେ ଆମ୍ବରୁ କେବଳ ଆମ୍ବସଢ଼ା ଓ ଆମ୍ବୁଲ ପ୍ରସ୍ତୁତ କରି ରଖିଥାନ୍ତି । ମହିଳାମାନେ ଆମ୍ବରୁ ନୂତନ ପଦାର୍ଥ ପ୍ରସ୍ତୁତି ଉପରେ ଶିକ୍ଷା ଗ୍ରହଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ରକୁ ଆବେଦନ କରିଥିଲେ । ସେମାନଙ୍କର ଆଗ୍ରହକୁ ଦେଖି କୃଷିବିଜ୍ଞାନ କେନ୍ଦ୍ର କେନ୍ଦୁଝର ସାହାରପଡ଼ା ବ୍ଲକର ଖୁଣ୍ଟାପିଙ୍ଗୁ ଗ୍ରାମରେ ଏକ ତାଲିମ ଓ କ୍ଷେତ୍ର ପ୍ରଦର୍ଶନ କରିଥିଲା । ଏହି ତାଲିମରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ । ସେମାନଙ୍କୁ ଆମ୍ବରୁ ସ୍କ୍ୱାସ୍, ମୃଦୁପାନୀୟ (ଆର.ଟି.ଏସ୍) ଆଚାର ଓ ଜାମ ପ୍ରସ୍ତୁତି ଉପରେ ତାଲିମ ସହିତ କ୍ଷେତ୍ର ପ୍ରଦର୍ଶନ କରି ଦେଖାଯାଇଥିଲା । ସେଠାକାର ମହିଳା ମାନଙ୍କ ସହିତ ଗ୍ରାମର ପୁରୁଷମାନେ ଏହି ପ୍ରସ୍ତୁତିର ମଧ୍ୟ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରିଥିଲେ ।





Kendujhari Krushi Samachar Patrika 9(1): 2016